# SOCIAL AWARENESS RALLY ON THE EVE OF WORLD JUSTICE DAY ,ORGANISED BY NCC BOYS ON 20.02.2021

Number of students participated: 43.



## ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

ଗୁଣପୁର,୨୦/୨(ଇମିସ): ଗୁଣପୁର ମହାବିଦ୍ୟାଳୟର ଏନସିସି ବିଭାଗ ତରଫରୁ ଆଜି ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବାମଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହାର ଶୁଭାରମ୍ଭ ହୋଇଥିଲା। ବିଶ୍ୱର ଅଧିକାଂଶ ଦେଶରେ ଅନେକ ପ୍ରଥା ପ୍ରଚଳିତ ଅଛି, ଯେଉଁଠାରେ ଆଜି ମଧ୍ୟ ସମାନ ନ୍ୟାୟ ପାଇବା ସମ୍ଭବ ନୁହେଁ। ଆମ ଦେଶ ଭାରତରେ ମଧ୍ୟ ନାନା ପ୍ରଥା ପ୍ରଚଳିତ ଅଛି, ଯେଉଁଠାରେ ଲିଙ୍ଗ, ଜାତି, ବର୍ଣ୍ଣ ତଥା ଆର୍ଥିକ ସ୍ଥିତି ଆଧାରରେ ସମାନ ନ୍ୟାୟ ପାଇବା କଷ୍ଟକର। ଏହି କାରଣରୁ ଲୋକଙ୍କ ଅଧିକାର ମଧ୍ୟ ଉଲ୍ଲଂଘନ କରାଯାଉଛି। ଏହିପରି ଲୋକଙ୍କୁ ସମାନତାର ଅଧିକାର ପାଇବାକୁ ସକ୍ଷମ କରିବା ପାଇଁ ଜାତୀୟ ମହିଳା ଆୟୋଗ, ଜାତୀୟ ମାନବ ଅଧିକାର ଆୟୋଗ, ଶିଶୁ ବିକାଶ ଆୟୋଗ ସହିତ ଅନ୍ୟାନ୍ୟ ଏନଜିଓ ମଧ୍ୟ ନିଜ ନିଜ ସ୍ତରରେ କାର୍ଯ୍ୟ କରୁଛନ୍ତି। ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗୁଣପୁର ମହାବିଦ୍ୟାଳୟ ଦ୍ୱାରା ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଏନସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ବଡ଼ମୁଣ୍ଡି, ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି, ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏନସିସି କ୍ୟାଡେଟ୍ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।




